# Akashvani, Sambalpur

## SAMBALPURI NEWS EVENING BULLETIN

## 18 February 2026-7.02- 7.12 pm.

---

୧- ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ଥି ଆଏଜ୍ ଧାନ୍ ବିକ୍ରି ଆଉ ଚାଷୀ ସମସ୍ୟାକେ ନେଇକରି ବିରୋଧୀମାନେ କଲେ ହୋହଲ୍ଲା ।

- ରାଏଜେ ଏବ୍‌ତକ୍ ଘିନାଯାଇଛେ ୫୯ ଲାଖ୍ ମେଟ୍ରିକ୍ ଟନ୍‌ନୁ ଅଏତ୍‌କା ଧାନ୍ - କହେଲେ ଉପମୁଖ୍ୟମନ୍ତ୍ରୀ ।

୨- ଓଡ଼ିଶା ସହେତେ ୧୦ ଟା ରାଜ୍ୟର୍ ୩୭ ଟା ରାଜ୍ୟସଭା ଆସନ୍ ଲାଗି ମାର୍ଚ୍ଚ ୧୬ ତାରିଖ୍ ହେବା ଭୋଟ୍ ।

- ଆଏବା ୨୬ ତାରିଖ୍ ବାହାର୍‌ବା ବିଜ୍ଞପ୍ତି ।

୩- ମାଧ୍ୟମିକ ଶିକ୍ଷା ପରିଷଦ୍ ତରଫୁ ମୁଲ୍ ହେଲା ଯୁକ୍ତ ଦୁଇ ପରୀକ୍ଷା ।

- ଆଏବା କାଏଲ୍‌ଠାନୁ ହେବା ମେଟ୍ରିକ୍ ପରୀକ୍ଷା ।

ଆଉର୍

୪- ଟି-ଟ୍ୱେଂଟି କ୍ରିକେଟ୍ ପୁରୁଷ ବିଶ୍ୱକପ୍‌ଥି ଅହମଦାବାଦ୍ ନ ଚାଲିଛେ ଭାରତ୍ -ନେଦରଲାଣ୍ଡ୍ ଭିତ୍‌ରେ ମେଚ୍ ।

ବିଧାନ୍‌ସଭା-୨ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଦିନେ ଆଏଜ୍ ଧାନ୍ ବିକ୍ରି ଆଉ ଚାଷୀ ସମସ୍ୟାକେ ନେଇକରି ଗୃହକାର୍ଯ୍ୟ ବାର୍‌ବାର୍ ବାଧାପ୍ରାପ୍ତ ହେଇଥିଲା । ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ଲାଗି ସଖାଲ୍‌ବେଲା ମାତ୍ର ୫ ମିନିଟ୍ ଆଉ ଉପର୍‌ବେଲା ମାତ୍ର ୨ ମିନିଟ୍ ଗୃହ ଚାଲିପାରିଥିଲା ।

ଆଏଜ୍ ସଖାଲ୍‌ବେଲା ପ୍ରଶ୍ନକାଳ ମୁଲ୍ ହଉନ୍‌ସାର୍ ବିରୋଧୀ ବିଜେଡ଼ି ସଦସ୍ୟମାନେ ଗୃହର୍ ମଝାକେ ଆସିକରି ରାଏଜେ ଧାନ୍‌ବିକ୍ରି ଆଉ ଚାଷୀ ସମସ୍ୟାକେ ନେଇକରି ବେନର୍ ପ୍ରଦର୍ଶନ୍ କର୍‌ବାର୍ ସହେତେ ସ୍ଲୋଗାନ୍ ଦେଇଥିଲେ । କଂଗ୍ରେସ୍ ସଦସ୍ୟମାନେ ଭିଲ୍ ବିରୋଧ୍ କରିଥିଲେ । ହୋହଲ୍ଲା ଜବର୍ ହେବାର୍‌ନୁ ବାଚସ୍ପତି ସୁରମା ପାଢ଼ୀ ପହେଲା ସାଢ଼େ ୧୧ ବଜେତକ୍ ଗୃହକେ ମୁଲ୍‌ତବୀ ରଖିଥିଲେ । ସାଢ଼େ ୧୧ ବଜେ ଗୃହ

ମୁଲ୍ ହେବାର୍ ଉତ୍ରୁ ସମାନ୍ ଥିତି ଲାଗି ରହିଥିଲା । ଇଥିର୍ଲାଗି ବାଚସ୍ପତି ଉପର୍ବେଲା ୪ ବଜେତକ୍ ଗୃହକେ ମୁଲ୍ତବୀ ରଖିଥିଲେ । ୪ ବଜେ ଭିଲ୍ ମାତ୍ର ୨ ମିନିଟ୍ ଗୃହ ଚାଲିପାର୍ଲା । ବିରୋଧୀଙ୍କର୍ ଗଗା କିର୍ଲା ଲାଗି ବାଚସ୍ପତି ଆଏବାକାଏଲ୍ ସଖାଲର୍ ସାଢ଼େ ୧୦ ବଜେତକ୍ ଗୃହକେ ମୁଲ୍ତବୀ ଘୋଷ୍ନା କରିଥିଲେ ।

ବିରୋଧୀ ମାନ୍କର୍ ଗଗା କିର୍ଲା ଭିତ୍ରେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କୃଷି ବାବଦ୍ ଆଲୋଚନାଥି ସଦସ୍ୟମାନ୍କର୍ ଭିନ୍ ଭିନ୍ ପ୍ରଶ୍ନର୍ ଉତର୍ ରଖିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କର୍ ସୂଚ୍ନା ଅନ୍ସାରେ, ରାଏଜେ ଏବ୍ତକ୍ ୫୯ ଲାଖ୍ ୭୩ ହଜାର୍ ୫ ଶହ ୫୨ ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇଛେ । ମଣ୍ଡିମାନ୍କେ ୯୨ ହଜାର୍ ୮ ଶହ ୬୩ ମେଟ୍ରିକ୍ ଟନ୍ ଧାନ୍ ଆସିଲା ବେଲ୍କେ ସେଥିର୍ଭିତ୍ରୁ ୧ ଲାଖ୍ ୯୪ ହଜାର୍ନୁ ଅଏତ୍କା ମେଟ୍ରିକ୍ ଟନ୍ ଧାନ୍ ମଣ୍ଡିନୁ ନୁହେଁ ଉଠେ । ଏବ୍ତକ୍ ରାଏଜେ ୧୩ ଲାଖ୍ ୯୦ ହଜାର୍ ୯ ଶହ ୭୮ ଜନ୍ ଚାଷୀ ଧାନ୍ ବିକିଛନ୍ । ଇ ସମିଆ ଭିତ୍ରେ ଚାଷୀମାନ୍କର୍ ଜମାଖାତାକେ ୪ ହଜାର୍ ୪୫ କୋଟି ଟଙ୍କାର୍ ଇନ୍ପୁଟ୍ ସବ୍ସିଡି

ଦିଆଯାଇଛେ । ଏମ୍‌ଏସ୍‌ପି ବାବଦ୍‌କେ ୧୩ ହଜାର୍ ଶହେ ୧୦ କୋଟି ଟଙ୍କା ଦିଆଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ବିଧାନ୍‌ସଭା-୨ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ବାର୍ଷିକ୍ ଫଲ୍ ଉତ୍ପାଦନ୍‌ଥି ସର୍ବଭାରତୀୟ ସ୍ତର୍ ନ ୧୧ ନମ୍ବର୍ ଠାନେ ରହିଛେ ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ବିଧାନ୍‌ସଭା ନ ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି କହିଛନ୍ । ଶ୍ରୀ ସିଂହଦେଓ କହିଛନ୍, ରାଏଜେ ୭ ହଜାର୍ ୯ ଶହ ୧୯ ଝନ୍ ଉଦ୍ୟୋଗୀ ଫଲ୍ ଆର୍ ଫୁଲ୍ ଚାଷ୍ କରିକରି ବେପାର୍ କରୁଛନ୍ । ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ରାଏଜେ ୨୭ ଦଶ୍‌ମିକ୍ ୧୮ ଲାଖ୍ ଟନ୍ ଫଲ୍ ଉତ୍ପାଦନ୍ ହେଇଥିଲା ବେଲ୍‌କେ ପୁରୀ ନ ସବୁନୁ ଜହ ୫ ଶହ ୮୬ ଝନ୍ ଉଦ୍ୟୋଗୀ ଫଲ୍ ଚାଷ୍ କରୁଛନ୍ । ସମ୍ବଲ୍‌ପୁର୍ ଆଉ ସୁନ୍ଦର୍‌ଗଡ଼୍ ଜିଲ୍ଲା ନ ଶହେ ୧୫ ଝନ୍ ଉଦ୍ୟୋଗୀ ଫୁଲ୍‌ଚାଷ୍ କରୁଛନ୍ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା-ଉପମୁଖ୍ୟମନ୍ତ୍ରୀ ଭୁବନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ସବୁ ରାଜସ୍ୱ ଗାଁକେ ବିଜ୍‌ଲି ସେବା ଯୁଗେଇ ଦିଆଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର ତ୍ରିପାଠୀଙ୍କର୍ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ଶ୍ରୀ ସିଂହଦେଓ କହିଛନ୍, ୨୦୨୪ ମସିହା ଉତ୍‌ରୁ ୩୫ ହଜାର୍ ୭ ଶହ ୪୧ ଟା ପରିବାର୍‌କେ ବିଜ୍‌ଲି ସଂଯୋଗ୍ ଦିଆଯାଇଛେ । ମୟୁର୍‌ଭଞ୍ଜ୍ ଜିଲ୍ଲା ନ ସବୁନୁ ଜହ ୩ ହଜାର୍ ୬ ଶହ ୩୬ ଟା ପରିବାର୍‌କେ ବିଜ୍‌ଲି ସେବା ଯୁଗେଇ ଦିଆଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଭାରତ ଏଆଇ ଇମ୍ପାକ୍ଟ ସମ୍ମିଲନୀ ପି.ଆଇ.ବି.

ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଚାଲିଥିବା ଭାରତ ଏଆଇ ଇମ୍ପାକ୍ଟ ସମ୍ମିଲନୀ-୨୦୨୬ ଆଏଜ୍ ଗୁଟେ ବିଶ୍ୱରେକର୍ଡ଼ ଥାପ୍‌ନା କରିଛେ । ଇ ସମ୍ମିଲନୀ ଜରିଏ ମାତ୍ର ୨୪ ଘଂଟା ଭିତ୍‌ରେ କୃତ୍ରିମ ବୁଦ୍ଧିମତା ରେସ୍‌ପନ୍‌ସିବିଲିଟି କେମ୍ପେନ୍ ଲାଗି ସର୍ବାଧିକ୍

ଶପଥ୍ ଗ୍ରହଣ୍ କରିକରି ଭାରତ୍ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼୍‌ଥି ଠାନ୍ ପାଇଛେ । ୨୪ ଘଂଟା ଭିତ୍‌ରେ ଇଥିର୍ ଲାଗି ୨ ଲାକ୍ ୫୦ ହଜାର୍ ୯ ଶହ ୪୬ ଟା ଶପଥ୍ ନିଆଯାଇଛେ । ଇ ବାବ୍‌ଦେ ଘୋଷ୍‌ନା କରିକରି କେନ୍ଦ୍ର ସୂଚନା ଆଉ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଭାରତ୍ ଲାଗି ଇଟା ଗୁଟେ ଗୌରବ୍‌ର ବିଷେ ଆଏ ବଲି କହିଛନ୍ ।

ରାଜ୍ୟସଭା ନିର୍ବାଚନ୍ ବିଜ୍ଞପ୍ତି ଏନ୍‌ଏସ୍‌ଡି

ରାଜ୍ୟସଭା ନିର୍ବାଚନ୍ ଆଏବା ମାସର୍ ୧୬ ତାରିଖ୍ ହେବା ବଲି ଭାରତୀୟ ନିର୍ବାଚନ ଆୟୋଗ୍ ଆଏଜ୍ ଘୋଷ୍‌ନା କରିଛନ୍ । ଓଡ଼ିଶା ସହେତେ ୧୦ ଟା ରାଜ୍ୟର୍ ୩୭ ଟା ରାଜ୍ୟସଭା ଆସନ୍ ଲାଗି ନିର୍ବାଚନ୍ ହେବା । ଇଥିର୍‌ଲାଗି ଆଏବା ୨୬ ତାରିଖ୍ ଦିନ ବିଜ୍ଞପ୍ତି ବାହାରିବା । ମାର୍ଚ୍ଚ ମାସର୍ ୫ ତାରିଖ୍ ନାମାଙ୍କନ ପତ୍ର ଦାଖଲ୍‌ର ଶେଷ୍ ଦିନ ରଖାଯାଇଛେ । ୬ ତାରିଖ୍ ଯାଂଚ୍ ଆଉ ୯ ତାରିଖ୍ ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ ରହିଛେ । ମାର୍ଚ୍ଚ ୧୬ ତାରିଖ୍ ସଖାଲର୍ ୯ ବଜେନୁ ଉପର୍‌ବେଲା ୪ ବଜେତକ୍ ମତଦାନ୍ ହେବା । ୫ ବଜେ

ଭୋଟ୍ ଗନ୍ତି ହେବା ବଲି ବିଜ୍ଞପ୍ତିଥି କୁହାଯାଇଛେ । ସୂଚ୍ନା ଅନ୍ସାରେ ଓଡ଼ିଶାର୍ ୪ ଝନ୍ ରାଜ୍ୟସଭା ସଦସ୍ୟ ମମତା ମହାନ୍ତ, ମୁନା ଖାନ୍, ସୁଜିତ୍ କୁମାର୍ ଆଉ ନିରଞ୍ଜନ୍ ବିଶିଙ୍କର୍ କାର୍ଯ୍ୟକାଳ ଏପ୍ରିଲ୍ ମାସର୍ ୨ ତାରିଖ୍ ଦିନ ଶେଷ୍ ହେଉଛେ ।

+୨ ପରୀକ୍ଷା ଆର୍ଏନ୍ୟୁ/ ସମ୍ବଲପୁର/ଆଇ.ଆଣ୍ଡ୍.ପି.ଆର୍

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ୍ ଆଉ ଧନ୍ଦାମୂଳକ୍ ପାଠ୍ୟକ୍ରମ୍ ଲାଗି ବୋର୍ଡ଼ ପରୀକ୍ଷା ଆଏଜ୍ଠାନୁ ମୁଲ୍ ହେଇଛେ । ପହେଲା ଦିନେ ବିଜ୍ଞାନ୍ ବିଭାଗ୍ର ମାତୃଭାଷା ଓଡ଼ିଆ ପରୀକ୍ଷା ହେଇଛେ । ଇ ବଛର୍ ରାଏଜେ ୧ ହଜାର୍ ୩ ଶହ ୫୮ ଟା କେନ୍ଦ୍ର ଆଉ ୭ ଟା ଉପକେନ୍ଦ୍ର ନ ୪ ଲାଖ୍ ୧ ହଜାର୍ ୬ ଶହ ୨୩ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ । ପରୀକ୍ଷା ଲାଗି ୨ ଶହ ୨୧ ଟା ପରିଚାଲନା କେନ୍ଦ୍ର ନ ପ୍ରଶ୍ନପତ୍ର ରଖାଯାଇଛେ । ଆଏଜ୍ ସଖାଲର୍ ସାଢ଼େ ୮ ବଜେତକ୍ ପରିଚାଲନା କେନ୍ଦ୍ରନୁ ପରୀକ୍ଷା କେନ୍ଦ୍ରମାନ୍କେ ପ୍ରଶ୍ନପତ୍ର ପୁହୁଁଚାଯାଇଥିଲା । ସେଆଡ଼େ ପରୀକ୍ଷା ପରିଚାଲନା ଲାଗି ପରିଷଦ୍ ତର୍ଫୁ ସବୁ ପ୍ରକାର୍

ବ୍ୟବସ୍ଥା କରାଯାଇଛେ । କପି ରୁକ୍‌ବାର୍ ଲାଗି ଶହେ ୨୦ ଟା କେନ୍ଦ୍ରୀୟ ସ୍କ୍ୱାର୍ଡ୍ ଆଉ ୭୫ ଟା ଜୋନାଲ୍ ସ୍କ୍ୱାର୍ଡ୍ ନିୟୋଜିତ ଅଛନ୍ ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ ।

ମେଟ୍ରିକ୍ ବୋର୍ଡ୍      କଟକ୍ ସମ୍ବାଦଦାତା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ଆଏବା କାଏଲ୍ - ୨୦୨୬ ବଛର୍ ଲାଗି ମେଟ୍ରିକ୍ ବୋର୍ଡ୍ ପରୀକ୍ଷା ମୁଲ୍ ହେବା । ପରୀକ୍ଷା ମାର୍ଚ୍ଚ ୨ ତାରିଖ୍‌ତକ୍ ଚାଲ୍‌ବା । ଇ ବଛର୍ ରାଏଜେ ୩ ହଜାର୍ ୮୨ ଟା କେନ୍ଦ୍ର ନ ୫ ଲାଖ୍ ୬୧ ହଜାର୍ ୯ ଶହ ୭୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଫେବୃଆରୀ ୧୦ ତାରିଖ୍ ଦିନ ଭିନ୍ ଭିନ୍ ନୋଡ଼ାଲ୍ କେନ୍ଦ୍ରମାନ୍‌କୁ ପ୍ରଶ୍ନପତ୍ର ପଠାଯାଇଛେ । ରାଜ୍ୟର୍ ୩ ଶହ ୨୨ ଟା ନୋଡ଼ାଲ୍ କେନ୍ଦ୍ର ନ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତ୍‌ରେ ପ୍ରଶ୍ନପତ୍ର ରଖାଯାଇଛେ । ପରୀକ୍ଷାକେ ନିର୍ଭୁଲ୍ ଭାବେ କର୍‌ବାର୍ ଲାଗି ପରିଷଦ୍ ତର୍‌ଫୁ ସବୁ ପ୍ରକାର୍ ପ୍ରସ୍ତୁତି ଶେଷ୍ ହେଇଯାଇଛେ ବଲି ପରିଷଦ୍‌ର ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ ।

(ଭଏସ୍ ଓଭର୍- ଶ୍ରୀକାନ୍ତ ତରାଇ)

ଓଏଭି -ପ୍ରବେଶିକା ପରୀକ୍ଷା          କଟକ୍ ସମ୍ବାଦଦାତା

ମାଧ୍ୟମିକ ଶିକ୍ଷା ପରିଷଦ୍- ବିଏସ୍ଇ ପରିଚାଳିତ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଉ ଓଡ଼ିଶା ଖଣି ଆଦର୍ଶ ବିଦ୍ୟାଳୟର୍ ୬ ଆଉ ୯ ଶ୍ରେଣୀଥି ନାଁଲେଖା ଲାଗି ୨୦୨୬ ପ୍ରବେଶିକା ପରୀକ୍ଷା ଫଲ୍ ଆଏଜ୍ ବାହାରିଛେ । ପରୀକ୍ଷାର୍ଥୀମାନେ ବିଏସ୍ଇ ୱେବ୍ସାଇଟ୍ www.bseodisha.ac.in ଥି ପରୀକ୍ଷା ଫଲ୍ ଡାଉନ୍ଲୋଡ୍ କରିପାର୍ବେ ବଲି ବୋର୍ଡ଼ ତର୍ଫୁ କୁହାଯାଇଛେ ।

ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ-ତାଲିମ୍          ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ନିର୍ମାଣ୍ ବିଭାଗ୍ ତର୍ଫୁ ନୂଆଁକରି ନିଯୁକ୍ତି ପାଇଥିବା ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନ୍କର୍ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ଆଏଜ୍ ଭୁବ୍ନେଶ୍ୱର୍ ନ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇଞ୍ଜିନିୟର୍ମାନେ ବିକାଶ୍ର

କର୍ଣ୍ଣଧାର ଆନ୍ ବଲି କହିଛନ୍ । ଆଧୁନିକ୍ ଜ୍ଞାନ୍‌କୌଶଲ୍‌ର ବେଭାର୍ ଆଉ ନିର୍ମାଣ୍‌ର ଗୁଣବତାକେ ଅଏତ୍‌କା ଜୋର୍ ଦେଇକରି ବିକଶିତ ଓଡ଼ିଶା ୨୦୩୬ ଆଉ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ୍ କରାଯାଇପାର୍‌ବା । ନୂଆଁ ନିଯୁକ୍ତ ଇଞ୍ଜିନିୟର୍‌ମାନେ ସଚ୍ଚୋଟତା ଆଉ ସମୟାନୁବର୍ତୀ ହେଇକରି ନିଜର୍ କର୍ତବ୍ୟ କର୍‌ବାର୍‌କେ ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ପରାମର୍ଶ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ଗ୍ରାମ୍ୟ ଉନ୍ନୟନ୍, ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଭିଲ୍ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ନିଯୁକ୍ତି ମେଳା        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଦକ୍ଷତା ବିକାଶ୍ ନିୟୋଜନ କାର୍ଯ୍ୟାଳୟ ତର୍‌ଫୁ ଆଏବା କାଏଲ୍ ସହରର୍ ଅଇଁଠାପାଲି ବିର୍ସାମୁଣ୍ଡା ପଡ଼ିଆ ନ ନିଯୁକ୍ତି ମେଳାର୍ ଆୟୋଜନ୍ କରାଯାଉଛେ । ମେଳାଥି ରାଜ୍ୟ ଆଉ ରାଜ୍ୟ ବାହାରର୍ ଭିନ୍ ଭିନ୍ ଘରୋଇ ସଂସ୍ଥା ଯୋଗ୍ ଦେବେ । ଇ ଅବ୍‌ସରେ କେତେ

ସଂସ୍ଥା ସିଧାସଲଖ୍ ନିଯୁକ୍ତି ଦେବେ ଆଉ କେତେ ସଂସ୍ଥା ନିଯୁକ୍ତି ଭିତିକ୍ ତାଲିମ୍ ଦେଇକରି ତାର୍ ଉତ୍ରୁ ନିଯୁକ୍ତି ଦେବେ । ଜିଲ୍ଲାର୍ ୮ ଶ୍ରେଣୀ ପାସ୍‌ନୁ ମୁଲ୍ କରିକରି ଆଇଟିଆଇ, ଡିପ୍ଲୋମା, ବିଟେକ୍ ପାଠ୍‌ପଢ଼ିଥିବା ୧୮ ନୁ ୩୫ ବଛର୍ ବୟସ୍କ ନିଯୁକ୍ତି ଆଶାୟୀ ଯୁଆନ୍ ପିଲା ଟୁକେଲ୍‌ମାନେ ଇଥି ଭାଗ୍ ନେଇପାର୍‌ବେ । ଆଶାୟୀମାନେ ନିଜର୍ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ୍‌ପତ୍ର ସହେତେ ଆଏବାକାଏଲ୍ ଦିନର୍ ୧୦ ବଜେ ବିର୍ସାମୁଣ୍ଡା ପଡ଼ିଆ ନ ଉପସ୍ଥିତ୍ ରହେବାର୍‌କେ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ଅନ୍‌ଲାଇନ୍ ବେଟିଂ ରାକେଟ୍ କଟକ୍ ସମ୍ବାଦଦାତା

ରାଉର୍‌କେଲା ପୁଲିସ୍ ତର୍‌ଫୁ ବଡ଼ ଧରଣ୍‌ର ଅନ୍‌ଲାଇନ୍ ବେଟିଂ ରାକେଟ୍‌ର ପର୍ଦ୍ଦାଫାସ୍ କରାଯାଇଛେ । ଇ ସମିଆଥି ୨୦ ଲାଖ୍ ନୁ ଅଏତ୍‌କା ନଗଦ୍ ଟଙ୍କା ଜବତ୍ କରାଯିବାର୍ ସହେତେ ସନ୍ଦିଗ୍ଧ ଆର୍ଥିକ୍ କାର୍‌ବାର୍, ବେଙ୍କ୍ ଖାତା ଆଉ ଡିଜିଟାଲ୍ ତଥ୍ୟ ବାବ୍‌ଦେ ଯାଂଚ୍ କରାଯାଉଛେ । ଘଟ୍‌ନାଥି ୫ ଝନ୍‌କୁ ଅଟ୍‌କ ରଖାଯାଇକରି ପଚ୍‌ରାଉଚ୍‌ରା କରାଯାଉଛେ । ପ୍ରାଥମିକ

ତଦନ୍ତରୁ ସନ୍ଦିଗ୍ଧ ମାନ୍‌କର୍ ସଙ୍ଗେ କାର୍‌ବାର୍ କରୁଥିବା ବେନାମୀ ଏକାଉଂଟ୍‌ଧାରୀ ଆଉ ହାୱାଲା ଅପରେଟର୍ ମାନ୍‌କର୍ ନେଟ୍‌ୱର୍କର ଛାନ୍‌ଭିନ୍ କରାଯାଉଛେ । ଇସବୁ ଏକାଉଂଟ୍ ଜରିଏ ବେଆଇନ୍ ଟଙ୍କା କାର୍‌ବାର୍ ଚାଲିଥିବା ପୁଲିସ୍‌କେ ପ୍ରମାଣ୍ ମିଲିଛେ । ଅନ୍‌ଲାଇନ୍ ବେଟିଂ ରାକେଟ୍ ବାବ୍‌ଦେ ଖବର୍ ପାଇକରି ରାଉର୍‌କେଲାର୍ ଭିନ୍ ଭିନ୍ ଥାନାର୍ ପୁଲିସ୍ ତର୍‌ଫୁ ଟିମ୍ ଗଠନ୍ କରାଯାଇକରି ତଦନ୍ତ୍ ମୁଲ୍ ହେଇଥିଲା ।

ଏଆଇ ଚାଟବଟ୍ ଆମର୍ ସହାୟକ-ଶୁଭାରମ୍ଭ/କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଏଜ୍ 'ଏଆଇ ଚାଟବଟ୍ ଆମର୍ ସହାୟକ' ବ୍ୟବସ୍ଥାର୍ ଶୁଭାରମ୍ଭ କରାଯାଇଛେ । ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଗୁଟେ ସମାରୋହରେ ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍ ଇଟାର୍ ଶୁଭାରମ୍ଭ କରିକରି ଡିଜିଟାଲ୍ ଶାସନ୍ ଆଉ ଜନକୈନ୍ଦ୍ରିକ ପ୍ରଶାସନ୍ ବ୍ୟବସ୍ଥା ଦିଗେ ଇଟା

ଗୁଟେ ବଡ଼ ପଦକ୍ଷେପ୍ ଆଏ ବଲି କହିଛନ୍ । ଇ ଅବ୍‌ସରେ ଗୁଟେ କର୍ମଶାଲାର୍ ଭିଲ୍ ଆୟୋଜନ୍ କରାଯାଇଥିଲା ।

ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଟି-ଟ୍ୱେଂଟି ପୁରୁଷ ବିଶ୍ୱକପ୍ କ୍ରିକେଟ୍ ଥି ଆଏଜ୍ ସଞ୍ଜ୍‌ବେଲର୍ ୭ ବଜେ ଭାରତ୍ ଆଉ ନେଦରଲାଣ୍ଡ ଭିତ୍‌ରେ ଅହମଦାବାଦ୍‌ର ନରେନ୍ଦ୍ରମୋଦୀ ଷ୍ଟାଡ଼ିୟମ୍ ନ ଖେଲ୍ ମୁଲ୍ ହେଇଛେ । ଭାରତୀୟ ଦଲ୍ ଟସ୍ ଜିତିକରି ପହେଲା ବେଟିଂ କର୍‌ବାର୍‌କେ ନିଷ୍ପତି ନେଇଛେ । ଭାରତ୍‌ର ଇସାନ୍ କିସାନ୍ ଆଉ ଅଭିଷେକ୍ ଶର୍ମା ଓପନିଂ ବେଟିଂ ଲାଗି ପଡ଼ିଆକେ ଆସିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଟି-ଟ୍ୱେଂଟି ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟଥି ଇଟା ଭାରତ୍‌ର ଶେଷ୍ ମେଚ୍ ଆଏ । ଏବ୍‌ତକ୍ ତିନ୍‌ହି ଟା ଯାକ ମେଚ୍ ଜିତିକରି ଭାରତ୍ ସୁପର୍-୮ ଥି ଠାନ୍ ପାଇସାରିଛେ ।

ପାଣିପାଗ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା କାଏଲ୍‌ଠାନୁ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।